ଦିଲ୍ଲୀ ରାଲି ସଫଳ ପାଇଁ ନିଖିଳ ଓଡ଼ିଶା ଅଙ୍ଗନବାଡି କର୍ମୀ ସଂଘ ବୈଠକରେ ଆହ୍ୱାନ

ଭୁବନେଶ୍ୱର (ବ୍ୟୁରୋ) : ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର କାର୍ଯ୍ୟକାରୀ କମିଟି ବୈଠକ ସଂଘର କାର୍ଯ୍ୟକାରୀ ସଭାପତି ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଏଆଇଟିୟୁସି ସହବନ୍ଧିତ ଅଖିଳ ଭାରତ ଅଙ୍ଗନୱାଡ଼ି ୱାର୍କରସ୍ ଫେଡେରେସନ୍ ତରଫରୁ ଅଙ୍ଗନୱାଡ଼ି କର୍ମୀମାନଙ୍କ ଭତ୍ତାବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ଆଗାମୀ ଏପ୍ରିଲ୍ ୨୧,୨୨, ଓ ୨୩ ତିନିଦିନ ଧରି ପାର୍ଲାମେଣ୍ଟ ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭରେ ରାଜ୍ୟରୁ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ସହାୟିକା ଯୋଗଦେବାପାଇଁ ନିଷ୍ପତ୍ତି ହୋଇଛି । କେନ୍ଦ୍ରରେ ଏନ୍‌ଡିଏ ସରକାର ଗତ ୨୦୧୭ ମସିହାରେ ଭତ୍ତା ବୃଦ୍ଧି କରିଥିଲେ ମଧ୍ୟ ଦୀର୍ଘ ଆଠ ବର୍ଷ ବିତିଯାଇଥିଲେ ମଧ୍ୟ ଭତ୍ତାବୃଦ୍ଧି କରାଯାଇନାହିଁ । ଅପରପକ୍ଷରେ ଦୈନନ୍ଦିନ କାର୍ଯ୍ୟଭାର ଲଦିଦେବା ସହ ସମନ୍ୱିତ ଶିଶୁ ବିକାଶ ଯୋଜନାକୁ ପଙ୍ଗୁ କରିବା ପାଇଁ ଉଦ୍ୟମ କରାଯାଉଛି । ଭତ୍ତା ବୃଦ୍ଧି, ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତ୍ତି ଅନୁସାରେ ୱାର୍କର ମାନ୍ୟତା ବନ୍ଦ ହୋଇଥିବା ଇନ୍‌କ୍ରିମେଛକ୍ଷ୍ପ; ପ୍ରଦାନ, ସର୍ବନିମ୍ନ ଭତ୍ତା ୨୬,୦୦୦ ଓ ପେନ୍‌ସନ୍ ଦାବିରେ ଦିଲ୍ଲୀ ରାଲିରେ ବହୁ ସଂଖ୍ୟାରେ ଯୋଗ ଦେବାପାଇଁ ନିଷ୍ପତ୍ତି ହୋଇଛି । ଅନୁରୂପ ଭାବେ ରାଜ୍ୟ ସରକାର ଅନୁଗୁଳ ଜିଲ୍ଲାର ତାଳଚେର ବ୍ଲକର ଚାରୋଟି ପଞ୍ଚାୟତରେ ଏକ ସ୍ୱେଚ୍ଛାସେବୀ ସଂଗଠନ 'ପ୍ଲାନ୍ ଇଛକ୍ଷ୍ପ;ରନ୍ୟାସନାଲ୍ ଇଣ୍ଡିଆ ଚାପ୍ଟର'କୁ ଦଶଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ପାଇଲଟ ପ୍ରୋଜେକ୍ଟ ଭାବେ ଅଙ୍ଗନୱାଡ଼ି କର୍ମୀଙ୍କ ସହ ମିଳିତ ଭାବେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦନା ପାଇଁ ଦିଆଯାଇଥିବା ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି । ତତ୍ ସହିତ ଗତ ଡିସେମ୍ବର ମାସରେ ବିଧାନସଭା ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମୟରେ ମିଳିଥିବା ପ୍ରତିଶ୍ରୁତି ଯଥା ଭତ୍ତାବୃଦ୍ଧି, ନିୟମାନୁସାରେ ପୋଷଣ ଓ ଅନ୍ୟାନ୍ୟ ଦେୟ ପ୍ରଦାନ, ନୂତନ ମୋବାଇଲ୍ ପ୍ରଦାନ, ପ୍ରଦତ୍ତ ମୋବାଇଲ୍ ରିଚାର୍ଜ ଦେୟର ସଂଶୋଧନ କରି ବଜାର ଦର ଅନୁସାରେ ଦେୟ ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଛି । ଏହି ବୈଠକରେ ସାଧାରଣ ସମ୍ପାଦିକା ହରିପ୍ରିୟା ସ୍ୱାଇଁ, ବିଭିନ୍ନ ସମସ୍ୟା ସମ୍ପର୍କରେ ରିପୋର୍ଟ ଉପସ୍ଥାପିତ କଲା ପରେ ବିଭିନ୍ନ ସଭ୍ୟ ଯଥା ସୌଦାମିନୀ ଦାସ, କମଳା ମୁର୍ମୁ, ଆରତୀ ଦାସ ମହାପାତ୍ର, ଏମ୍ ଗୀତା ଦେବୀ, ସୁଜାତା ନାଏକ, ମାନସୀ ପ୍ରଧାନ, ଉର୍ମିଳା ପାଇକରାୟ ମନୋଜ ପରିଡ଼ା, କିଶୋରୀ କେରକେଟା, ଶରତ ସାହୁ, ପ୍ରମୁଖ ବକ୍ତବ୍ୟ ଦେଇ ଆଗାମୀ ଆନ୍ଦୋଳନ ସଫଳ ପାଇଁ ଆହ୍ୱାନ ଦେଇଛି ।

ଭାରତ ବଜାରରେ ଉପସ୍ଥିତିକୁ ସୁଦୃଢ଼ କରିବା ପାଇଁ ନିପନ୍ ପେଣ୍ଟ ପଞ୍ଜାବ କିଙ୍ଗ୍ସ ସହିତ ସହଭାଗିତା

ଭୁବନେଶ୍ୱର (ବ୍ୟୁରୋ) : ଏସିଆ ପ୍ରଶାନ୍ତ ମହାସାଗରର ନମ୍ବର ୧ ରଙ୍ଗ ଏବଂ କୋଟିଂ ନିର୍ମାତା ନିପସିଆ ଗ୍ରୁପର ଏକ ଅଂଶ ନିପନ୍ ପେଏଣ୍ଟ ଇଣ୍ଡିଆ ଆଜି ଆଇପିଏଲ୍ ୨୦୨୬ ପାଇଁ ଫ୍ରାଂଚାଇଜ୍ ର ଅଫିସିଆଲ୍ ପାର୍ଟନର ଭାବରେ ପଞ୍ଜାବ କିଙ୍ଗ୍ସ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗୀତା ଘୋଷଣା କରିଛି । ଟୁର୍ଣ୍ଣାମେଣ୍ଟ୍‌ର ପ୍ରତ୍ୟେକ ମ୍ୟାଚରେ ନିପନ୍ ପେଏଣ୍ଟ ଲୋଗୋ ପଞ୍ଜାବ କିଙ୍ଗ୍ସ ଜର୍ସିର ଡାହାଣ ହାତରେ ପ୍ରଦର୍ଶିତ ହେବ – ବ୍ରାଣ୍ଡକୁ ପୃଥିବୀର ସବୁଠାରୁ ବୃହତ୍, ସବୁଠାରୁ ବ୍ୟସ୍ତ କ୍ରୀଡା ଦର୍ଶକଙ୍କ ସାମ୍ନାରେ ରଖିବ । ନିପନ୍ ପେଏଣ୍ଟ (ଇଣ୍ଡିଆ) ଗ୍ରୁପ୍ ର ପରିଚାଳନା ନିର୍ଦ୍ଦେଶକ ଶରଦ ମଲହୋତ୍ରା ଏକ ଆନୁଷ୍ଠାନିକ ଉନ୍ମୋଚନ କାର୍ଯ୍ୟକ୍ରମରେ ଏହି ସହଭାଗୀତା ଘୋଷଣା କରିଥିଲେ । ଶ୍ରୀ ମାର୍କ ଟାଇଟସ୍, ସଭାପତି - ଡେକୋରେଟିଭ୍ କୋଟିଙ୍ଗସ୍ ବିଜନେସ୍, ନିପନ୍ ପେଏଣ୍ଟ ଇଣ୍ଡିଆ; ଭାରତ ଓ ପଞ୍ଜାବ କିଙ୍ଗ୍ସ କ୍ରିକେଟର ତଥା ଆଇପିଏଲର ସର୍ବକାଳୀନ ସର୍ବାଧିକ ୱିକେଟ୍ ଟେକର୍ ୟୁଜବେନ୍ଦ୍ର ଚହଲ ଏବଂ ପଞ୍ଜାବ କିଙ୍ଗ୍ସ କ୍ରିକେଟର ତଥା ଫର୍ମାଟର ଅନ୍ୟତମ ନିର୍ଭରଯୋଗ୍ୟ ଫିନିସର୍ ଶଶାଙ୍କ ସିଂଙ୍କ ଉପସ୍ଥିତିରେ ପଞ୍ଜାବ କିଙ୍ଗ୍ସର ସିଇଓ ଶ୍ରୀ ସତୀଶ ମେନନ୍ ଉପସ୍ଥିତ ଥିଲେ । ଏହି ସହଭାଗୀତା ଉପରେ ମନ୍ତବ୍ୟ ଦେଇ ନିପନ୍ ପେଏଣ୍ଟ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶରଦ ମଲହୋତ୍ରା କହିଛନ୍ତି ଯେ, "ପଞ୍ଜାବ କିଙ୍ଗ୍ସ ସହିତ ହାତ ମିଳାଇଥିବାରୁ ଆମେ ଆନନ୍ଦିତ । ସେମାନେ ଏକ ଦଳ ଯାହା ପ୍ରଚଣ୍ଡ ଶକ୍ତି, ନିର୍ଭୀକ ଆତ୍ମା ଏବଂ ଜିତିବା ପାଇଁ ନିରନ୍ତର ଇଚ୍ଛାଶକ୍ତିର ପ୍ରତୀକ । ଦଳର 'ନେଭର ଗିଭ୍ ଅପ ମନୋଭାବ ନିପନ୍ ପେଏଣ୍ଟ ର ମୂଳ ମୂଲ୍ୟବୋଧ ସହିତ ଗଭୀର ଭାବରେ ପ୍ରତିଧ୍ୱନିତ ହୁଏ । ଏହି ସମାନ ସ୍ଥିର ଆତ୍ମା ହିଁ ଆମର 'ନୟା ଇଣ୍ଡିଆ କା ନୟା ରଙ୍ଗ' ଦୃଷ୍ଟିକୋଣକୁ ଆଗେଇ ନେଉଛି ଯେତେବେଳେ ଆମେ ଏକ ଗତିଶୀଳ, ଅବିସ୍ମରଣୀୟ ରାଷ୍ଟ୍ରକୁ ଆଗକୁ ବଢ଼ାଇଥାଉ । ଆଇପିଏଲ୍ ଆମକୁ ଭାରତର ପ୍ରତ୍ୟେକ କୋଣରେ କ୍ରିକେଟ୍ ପ୍ରଶଂସକଙ୍କ ସହ ସଂଯୋଗ କରିବା ପାଇଁ ଏକ ଅସାଧାରଣ ପ୍ଲାଟଫର୍ମ ଦେଇଥାଏ ଏବଂ ଏହି ସହଭାଗୀତା ମାଧ୍ୟମରେ ଆମେ ରଙ୍ଗ, ଶକ୍ତି ସହିତ ଏବଂ ଉଭୟ ବ୍ରାଣ୍ଡର ପୂର୍ଣ୍ଣ ଶକ୍ତି ସହିତ ତାହା କରିବାକୁ ଚାହୁଁଛୁ ।

ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ପକ୍ଷରୁ ଭାରତରେ ଜିଏଲଆଇପିଆଇକ୍ୟୁ ଶୁଭାରମ୍ଭ

ଭୁବନେଶ୍ୱର (ବ୍ୟୁରୋ) : ଏକ ଗବେଷଣା-ଭିତିକ ଆନ୍ତର୍ଜାତୀୟ ଔଷଧ କମ୍ପାନୀ ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ (ଗ୍ଲେନମାର୍କ) ପକ୍ଷରୁ ଟାଇପ୍ ୨ ଡାଇବେଟିସ ମେଲିଟସ (ଟି୨ଡିଏମ) ରୋଗର ନିୟନ୍ତ୍ରଣ ପାଇଁ ଭାରତରେ ଜିଏଲଆଇପିଆଇକ୍ୟୁ (ସେମାଗ୍ଲୁଟାଇଡ)ର ଶୁଭାରମ୍ଭ କରାଯାଇଛି । ଏହି ଔଷଧ ରୋଗୀଙ୍କ ପାଇଁ ଆଡ୍‌ଭାନ୍ସଡ ଡାଇବେଟିସ ରୋଗର ଚିକିତ୍ସା ପାଇଁ ଅଧିକ ପହଂଚ ପ୍ରଦାନ କରୁଛି । ଜିଏଲଆ ଇପିଆଇକ୍ୟୁ ଉଭୟ ଭାୟାଲ ଓ ପ୍ରି-ଫିଲ୍ଡ ପେନ ଫର୍ମ୍ୟୁଲେଶନରେ ଉପଲବ୍ଧ ହେବ । ଭାରତରେ ଏକ ମଲ୍ଟିସେଂଟର, ଅନିୟମିତ, ତୁଳନାତ୍ମକ, ସକ୍ରିୟ-ନିୟନ୍ତ୍ରିତ, ଓପନ-ଲେଭେଲ ଫେଜ-୩ ଚିକିତ୍ସକୀୟ ଅଧ୍ୟୟନ ପରିଚାଳନା କରାଯିବା ପରେ ଏହି ଔଷଧକୁ ସେଂଟ୍ରାଲ ଡ୍ରଗସ ଷ୍ଟାଣ୍ଡାର୍ଡ କଂଟ୍ରୋଲ ଅର୍ଗାନାଇଜେଶନ (ସିଡିଏସସିଓ) ପକ୍ଷରୁ ଅନୁମୋଦନ ଦିଆଯାଇଥିଲା । ଏହି ଶୁଭାରମ୍ଭ ସମ୍ପର୍କରେ ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିଃ, ଇଣ୍ଡିଆ ଫର୍ମୁଲେଶନର ଅଧକ୍ଷ ଓ ବ୍ୟବସାୟ ମୁଖ୍ୟ, ଆଲୋକ ମଲିକ କହିଛନ୍ତି, "ଜିଏଲଆଇପିଆଇକ୍ୟୁ ସହ ଆମେ ଜିଏଲପି-୧ ଥେରାପି ପାଇଁ ସୁଲଭତା କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛୁ, ଯାହାର ସାପ୍ତାହିକ ଚିକିତ୍ସା ଖର୍ଚ୍ଚ ୩୨୫ ଟଙ୍କାରୁ ଆରମ୍ଭ ହେଉଛି । ଭାୟାଲ-ଆଧାରିତ ଫର୍ମାଟ ଆମକୁ ଏକ ଅଧିକ ସୁଲଭ ବିକଳ୍ପ ପ୍ରଦାନ କରିବା ପାଇଁ ସକ୍ଷମ କରିଛି । ଲିରାଫିଟ (ଲିରାଗ୍ଲୁଟାଇଡ) ସମେତ ଜିଏଲପି-୧ ବର୍ଗରେ ଆମର ଅଭିଜ୍ଞତା ଉପରେ ଆଧାର କରି ଓ ଆମର ସଙ୍କଳ୍ପ କାର୍ଯ୍ୟକ୍ରମ ସମର୍ଥନରେ ଆମେ ଅଧିକ ରୋଗୀଙ୍କୁ ଭବିଷ୍ୟତରେ ଥେରାପି ପାଇଁ ପହଂଚ ହାସଲ କରିବା, ଥେରାପି ଆରମ୍ଭ କରିବା ଓ ଜାରି ରଖିବାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛୁ ।" ଜିଏଲଆଇପିଆଇକ୍ୟୁ ଭାୟାଲ ରେଞ୍ଜ ସହ ସାପ୍ତାହିକ ଚିକିତ୍ସା ମୂଲ୍ୟ ୩୨୫ ଟଙ୍କାରୁ ୪୪୦ ଟଙ୍କା ମଧ୍ୟରେ ରହିବ ବୋଲି ଆଶା କରାଯାଉଛି ଯାହା ଭାରତରେ ଜିଏଲପି-୧ ଥେରାପି ଆରମ୍ଭ କରିବା ପାଇଁ ରହିଥିବା ମୂଲ୍ୟ ପ୍ରତିବନ୍ଧକକୁ ବହୁମାତ୍ରାରେ ଦୂର କରିବ । ଅଧ୍ୟୟନରେ ଏହି ଔଷଧ ଟାଇପ ୨ ମଧୁମେହ ରୋଗ ଥିବା ଭାରତୀୟ ରୋଗୀଙ୍କଠାରେ ପ୍ରଭାବଶାଳୀ ଓ ସୁରକ୍ଷିତ ଫଳାଫଳ ପ୍ରଦର୍ଶନ କରିଛି । ଭାୟାଲ ବ୍ୟତୀତ ଜିଏଲଆଇପିଆଇକ୍ୟୁ ପ୍ରି-ଫିଲ୍ଡ ପେନ ଫର୍ମାଟରେ ମଧ୍ୟ ଉପଲବ୍ଧ ହେଉଛି ଯାହା ଦୀର୍ଘକାଳିନ ଥେରାପି ପାଇଁ ସେଲ୍ଫ-ଡୋଜିଂର ସୁବିଧା ପ୍ରଦାନ କରୁଛି । ମିଳିତ ଭାବେ ଉଭୟ ଫର୍ମାଟ- ଭାୟାଲ ଓ ପେନ ଏକ ସରଂଚିତ ଚିକିତ୍ସା ମାର୍ଗକୁ ସକ୍ଷମ କରୁଛନ୍ତି । ଭାୟାଲ ଓ ପେନ ଫର୍ମାଟ ୨ଏମଜି/୧.୫ ଏମଏଲ, ୪ଏମଜି/୩ଏମଏଲ ଓ ୮ଏମଜି/୩ଏମଏଲରେ ଉପଲବ୍ଧ ହେଉଛି । ସେହିପରି ଗ୍ଲେନମାର୍କ ପକ୍ଷରୁ ଏକ ରୋଗୀ ସହଯୋଗ କାର୍ଯ୍ୟକ୍ରମ 'ସଙ୍କଳ୍ପ'ର ଶୁଭାରମ୍ଭ କରାଯାଇଛି ଯାହାକୁ ଥେରାପି ଆରମ୍ଭ କରିବାରେ ସହଯୋଗ କରିବା, ଇଞ୍ଜେକ୍ଟେବୁଲ ଚିକିତ୍ସା ସହ ସହଜତା ବୃଦ୍ଧି କରିବା ଓ ଦୀର୍ଘକାଳିନ ଅନୁପପାଳନକୁ ସକ୍ଷମ କରିବା ପାଇଁ ଡିଜାଇନ କରାଯାଇଛି ।

ବିଶ୍ୱ କବିତା ଦିବସ ଅବସରରେ ଅକ୍ଷରା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ସଭା

ଭୁବନେଶ୍ୱର (ବ୍ୟୁରୋ) : ମାତୃଭାଷା ହିଁ ସୃଜନଶୀଳତାର ମୁଖ୍ୟ ପୃଷ୍ଠଭୂମି । ମାତୃଭାଷାରେ ଯିଏ ଯେତେ ବଳିଷ୍ଠ ସିଏ ଅନ୍ୟ ସବୁ ଭାଷାରେ ମଧ୍ୟ ବଳିଷ୍ଠ ହୋଇପାରିବ । ମାତୃଭାଷା ହିଁ ପିଲାକୁ ଆତ୍ମ ଶକ୍ତି ପ୍ରଦାନ କରିଥାଏ । ପେଟପାଟଣାର ଭାଷା ଯେତେବେଳେ ମାତୃଭାଷା ହୋଇଯାଏ ସେତେବେଳେ ସମସ୍ତ ବ୍ୟକ୍ତି ବିଶେଷ ମାତୃ ଭାଷାରେ ନିଜର ସୃଜନଶୀଳତା ଦେଖେଇ ପାରିବେ । ନିଜର ଧି ଶକ୍ତିକୁ ବଳ ଯୋଗେଇଥାଏ ମଧ୍ୟ ମାତୃଭାଷା । ସେଥିପାଇଁ ଆମ ପୂର୍ବଜ ଆମକୁ ମାତୃଭାଷା ଭିତ୍ତିକ ରାଜ୍ୟ 'ଓଡ଼ିଶା' ଦେଇ ଯାଇଛନ୍ତି ଆମମାନଙ୍କୁ, ତାହାର ସୁରକ୍ଷା ଆମର ପ୍ରଥମ କର୍ତ୍ତବ୍ୟ ହେବା ବିଧେୟ ବୋଲି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା ବିଶ୍ୱ କବିତା ଦିବସ ତଥା ଅକ୍ଷରା ସାହିତ୍ୟ ସଂସଦ, କଳିଙ୍ଗନଗରର ମାସିକ ସାହିତ୍ୟ ଚର୍ଚ୍ଚା ଅବସରରେ ମତବ୍ୟକ୍ତ କରିଛନ୍ତି । ସଭାରେ ସଭାପତିତ୍ୱ କରି ସମ୍ବଲପୁର ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ଅକ୍ଷରା ସାହିତ୍ୟ ସଂସଦର ସଭାପତି ଡ଼ ଗିରିଜା ଶଙ୍କର ଶର୍ମା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ବିଶ୍ୱ କବିତା ଦିବସକୁ ଆମେ କିପରି ମାତୃଭୂମି ଓ ମାତୃଭାଷାର ସେବାରେ ନିୟୋଜିତ କରି ପାରିବା ବର୍ଣ୍ଣନା କରିଥିଲେ । ଓଡ଼ିଶା ସୃଷ୍ଟିରେ 'ବନ୍ଦେ ଉତ୍କଳ ଜନନୀ' କବିତାର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ ସମସ୍ତ ଓଡ଼ିଆ ଭାଷା ଭାସି ଅଂଚଳକୁ ଏକାଠି କରିପାରିଥିଲା ସେ ବିଷୟରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଓଡ଼ିଆ ଭାଷା ସରକାରୀ ଭାଷା, ଓଡ଼ିଶାର ସମସ୍ତ ସ୍କୁଲ ଗୁଡିକରେ ଓଡ଼ିଆ ଭାଷା ଶିକ୍ଷକ ନଥିବାରୁ ଓଡ଼ିଆ ଭାଷାରେ ଲେଖିଲା ବେଳେ କିପରି ଭୁଲ ଭଟକା ହେଉଛି ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଶେଷରେ ନାରୀକବି ଚିନ୍ମୟୀ ଷଡ଼ଙ୍ଗୀ, ସରୋଜିନୀ ମିଶ୍ର, କାନନବାଳା ନନ୍ଦ, ନାରୀମାନଙ୍କର ଭୂମିକା ଉପରେ କବିତାପାଠ କରିଥିବାବେଳେ ସାମ୍ପ୍ରତିକ ସାହିତ୍ୟ ଉପରେ ସୁବଳ ଚନ୍ଦ୍ର ରାଉତରାୟ ,ସୁଶାନ୍ତ କୁମାର ସାହୁ,ଉମେଶ ଚନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ରଥ, ହୃଷିକେଶ ମିଶ୍ର, ସଂଜୀବ ସାହୁ, ଡ ମଦନମୋହନ ମହାନ୍ତି, ଦେବେନ୍ଦ୍ର ନାଥ ମହାପାତ୍ର, ପବିତ୍ର ମହାରଥା ଏବଂ ଡ ଗିରିଜା ଶଙ୍କର ଶର୍ମା କବିତା ପାଠ କରିଥିଲେ ଶେଷରେ ମୀରା ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

ହାଟଡିହି ତହସିଲରେ ସମସ୍ୟା ସମାଧାନ ପାଇଁ ପ୍ରଶାସନର ତତ୍ପରତା

ଖବର ପ୍ରସାର ପରେ ଦୁଇ ଅଧିକାରୀଙ୍କୁ ମିଳିଲା ଅସ୍ଥାୟୀ ଦାୟିତ୍ୱ

ଆନନ୍ଦପୁର (ଅମୃତ ମିଡିଆ) : କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ସ୍ଥାୟୀ ତହସିଲଦାର ଓ ସ୍ୱତନ୍ତ୍ର ସବ୍-ରେଜିଷ୍ଟ୍ରାର ନଥିବାରୁ ଜନସାଧାରଣ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସୂଚନା ମୁତାବକ, ତହସିଲଦାରଙ୍କ ଅନୁପସ୍ଥିତି ଯୋଗୁଁ ବିଶେଷ କରି ଜମି କବଲା ବା ରେଜିଷ୍ଟ୍ରି କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା, ଯାହାଫଳରେ ଅନଲାଇନ୍ ସ୍ଲଟ୍ ବୁକିଂ କରିଥିବା ଲୋକେ ବାରମ୍ବାର ନିରାଶ ହୋଇ ଫେରୁଥିଲେ ଏବଂ ସମୟ ସହ ଅର୍ଥର ଅପଚୟ ଘଟୁଥିଲା । ଏହି ଜନସାଧାରଣଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚିଠି ସଂଖ୍ୟା ୬୧୯ (୨୦/୦୩/୨୬) ଅନୁସାରେ ଆନନ୍ଦପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଶ୍ରୀ ସଞ୍ଜୟ କୁମାର ସାମନ୍ତରାୟଙ୍କୁ ହାଟଡ଼ିହୀ ତହସିଲଦାର ଏବଂ ବଡ଼ବିଲ ଅତିରିକ୍ତ ତହସିଲଦାର ଶ୍ରୀ ଜନସନ କିଣ୍ଡୋଙ୍କୁ ହାଟଡ଼ିହୀ ଅତିରିକ୍ତ ତହସିଲଦାର ଭାବେ ଅସ୍ଥାୟୀ ଦାୟିତ୍ୱ ପ୍ରଦାନ କରାଯାଇଛି । ସାଧାରଣ ଲୋକଙ୍କ ସୁବିଧା ପାଇଁ ନିଆଯାଇଥିବା ଏହି ବ୍ୟବସ୍ଥା ନିୟମିତ ଅଧିକାରୀ ଯୋଗଦାନ ନକରିବା ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜଣାପଡ଼ିଛି । ପ୍ରଶାସନର ଏହି ତ୍ୱରିତ ନିଷ୍ପତ୍ତିକୁ ସ୍ଥାନୀୟ ବାସିନ୍ଦା ସ୍ୱାଗତ କରିଥିବା ବେଳେ ଏହାଦ୍ୱାରା ବହୁଦିନରୁ ଅଟକି ରହିଥିବା ଜମି ରେଜିଷ୍ଟ୍ରି କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହେବ ବୋଲି ଆଶା କରାଯାଉଛି ।

ମା'ଜାଗୁଲେଇଙ୍କ ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ

ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଲେ ମା'



ଜଟଣୀ (ଅମୃତ ମିଡିଆ) : ସ୍ଥାନୀୟ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମଦେବି ମା"ଜାଗୁଲାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ତୃତୀୟ ଦିବସରେ ସାଲା ମଣ୍ଡନ ସୂର୍ଯ୍ୟ ପୂଜା ଅଗ୍ନିସ୍ଥାପନା କାରାଯାଇ ସନ୍ଧ୍ୟାରେ ମାଙ୍କୁ ମହାସ୍ନାନ ପରେ ବେଶ କରାଯାଇଥିଲା । ଆଜି ମା ଦଶ ଭୁଜା ସମସ୍ତ ଅସ୍ତ୍ରଶସ୍ତ୍ର ପରିହିତା ମା ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଥିଲେ । ଷୋଡଶ ଉପଚାର ପୂଜା, ଶପ୍ତ ସତୀ ଚଣ୍ଡୀ ଆହୁତି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦିଆଯାଇଥିଲା । ଆସନ୍ତାକାଲି ଦୁଇଟି ବେଶ ମା' କୁଷ୍ମାଣ୍ଡା ଓ ସ୍କନ୍ଦମାତା ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି । ଚିତ୍ରକର ବିଜୟ କୁମାର ପଣ୍ଡା ମା'ଙ୍କୁ ବେଶ କରିଥିଲେ । କାର୍ଯ୍ୟକ୍ରମକୁ ସମ୍ପାଦକ ଏଲଡି ମହାନ୍ତି, ସଭପତି ରାଧାମୋହନ ପଟ୍ଟନାୟକ, କୋଷାଧକ୍ଷ ଜିତେନ୍ଦ୍ର ଜେନା, ଅଶୋକ ଦାଶ, ବାଉରୀବନ୍ଧୁ ସାହାଣୀ, ପବିତ୍ରମୋହନ ରଣସିଂହ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ନିତ୍ୟ ସେବକ ସୁଶାନ୍ତ ସାହୁ, ରାମଚନ୍ଦ୍ର ସାହୁ, ଚର୍ଚ୍ଚିଲ ଦାସ, ଗଣେଶ ସ୍ୱାଇଁ, ପାପୁନି ଦାସ, ବିଶ୍ୱରଂଜନ ବୁଦ୍ଧିଆ ସାହୁ, ସାଇ ସ୍ପନ୍ଦନ ମହାନ୍ତି, ବିକାଶ ବେହେରା, ଜଗନ୍ନାଥ ବାରିକ ସମେତ ଗ୍ରାମବାସୀଙ୍କ ସହଯୋଗରେ ପରିଚାଳନା ହୋଇଥିଲା ।

ପେଣ୍ଠ ବେଳାଭୂମିରେ ବିଶ୍ୱ ବନଦିବସ ପାଳିତ

ରାଜନଗର (ଅମୃତ ମିଡିଆ) : ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ପେଣ୍ଠ-ବରୁଣେଇ ଦୋବନ୍ଧିଠାରେ ବିଶ୍ୱ ବନଦିବସ ପାଳିତ ହୋଇଯାଇଛି । ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ତହସିଲଦାର ଯୀଶୁକ୍ରିଷ୍ଟ ଦାସ ଯୋଗଦେଇ ପ୍ରଗତି ଓ ପରିବେଶ ମଧ୍ୟରେ ସଂଘର୍ଷ ଚାଲିଛି । ଆମର ପ୍ରଗତି ହେବା ସହିତ ପରିବେଶ ସନ୍ତୁଳନକୁ ବଜାୟ ରଖିବାକୁ ପଡିବ । ପରିବେଶ ଭିତିକ ପର୍ଯ୍ୟଟନ ପର୍ଯ୍ୟଟକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଛି । ପରିବେଶକୁ ଭିତିକରି ଆମର ଆର୍ଥିକ ପ୍ରଗତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ବିଶିଷ୍ଟ କଥାକାର ତଥା ପ୍ରକୃତିବନ୍ଧୁ ପ୍ରଦୀପ କୁମାର ନାୟକ, ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପକ ପ୍ରସନ୍ନକୁମାର ଦାସ ଯୋଗଦେଇ ଜଳବାୟୁ ପରିବର୍ତନ ଫଳରେ ମଣିଷ ସମାଜ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିବା ସହ କ୍ଷତିଗ୍ରସ୍ତ ହେଉଛି । ବୃକ୍ଷ ହିଁ ଜୀବନ । ଏକଥା ସମସ୍ତେ ବୁଝିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଗବେଷକ ପ୍ରସନ୍ନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଇକ୍ରିକ ପ୍ରୋଜେକ୍ଟ ମାଧ୍ୟମରେ ପେଣ୍ଠଠାରେ କରାଯାଇଥିବା ସାମୁଦ୍ରିକ ଜୀବ ସୁରକ୍ଷା ଉପରେ କରାଯାଇଥିବା ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲାସ୍ତରରେ ରାଜନଗର ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟକୁ ଚାରା ରୋପଣ ପାଇଁ ପ୍ରମାଣପତ୍ର ଓ ୧୦ହଜାର ଟଙ୍କା ଦିଆଯାଇ ପୁରସ୍କୃତ କରାଯାଇଥିଲା । ସହକାରୀ ବନସଂରକ୍ଷକ ଗଗନ ବିହାରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରାଜନଗର ରେଂଜ ଅଫିସର ଚିତରଂଜନ ବେଉରା, ଗହୀରମଥା ରେଂଜ ଅଫିସର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ବିଜୟ କୁମାର ପାତ୍ର, ରଂଜନକୁମାର ପାଣି ପ୍ରମୁଖଙ୍କ ସହ ବନ କର୍ମଚାରୀମାନେ ପରିଚାଳନାରେ ସଯୋଗ କରିଥିଲେ । ଏହି ଅବସରରେ ବନକର୍ମଚାରୀ, ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ସ୍ୱେଚ୍ଛାସେବୀ ମାନେ ପେଣ୍ଠ ବେଳାଭୂମିକୁ ସଫେଇ କରିଥିଲେ ।

ଲିପ୍ସା ଶତପଥୀ ଓ ତମସା ମିଶ୍ର ସ୍ୱିଗି 'ସି ଦ ଚେଞ୍ଜ' ୨୦୨୬ କାର୍ଯ୍ୟକ୍ରମରେ ସମ୍ମାନିତ

ଭୁବନେଶ୍ୱର (ବ୍ୟୁରୋ) : ଭାରତର ରନ୍ଧନ କଳା ଓ ବ୍ୟବସାୟ ପରିଦୃଶ୍ୟକୁ ନୂଆ ରୂପ ଦେଉଥିବା ମହିଳାମାନଙ୍କୁ ସମ୍ମାନିତ କରିବା ପାଇଁ ଭାରତର ଅନ୍-ଡିମାଣ୍ଡ କନ୍‌ଭିନିଏନ୍ସ ପ୍ଲାଟଫର୍ମ ସ୍ୱିଗି ପକ୍ଷରୁ ନିକଟରେ ନୂଆଦିଲ୍ଲୀଠାରେ 'ସି ଦ ଚେଞ୍ଜ'ର ୨୦୨୬ ସଂସ୍କରଣର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବ୍ୟକ୍ତିଙ୍କ ମଧ୍ୟରେ ଭୁବନେଶ୍ୱରର ଲିପ୍ସା ଶତପଥୀ ଓ ତମସା ମିଶ୍ର ଅନ୍ତର୍ଭୁକ୍ତ ଅଛନ୍ତି । 'ଫ୍ରମ ଭିଜନ ଟୁ ଭେଂଚର' ଟ୍ୟାଗ୍‌ଲାଇନ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଓ ସ୍ୱିଗିର ସହ-ପ୍ରତିଷ୍ଠାତା, ଏମ୍‌ଡି ଓ ଗ୍ରୁପ ସିଇଓ ଶ୍ରୀହର୍ଷା ମାଜେଟି ଦୁଇଟି ବର୍ଗ ଯଥା ଏଂଟ୍ରପ୍ରେନ୍ୟୋର ଅଫ୍ ଦ ଇୟର ଓ ସେଫ୍ ଅଫ୍ ଦ ଇୟରରେ ଏଫଆଣ୍ଡବି ଇଣ୍ଡଷ୍ଟ୍ରୀର ୨୮ ଜଣ ମହିଳାଙ୍କୁ ସମ୍ମାନିତ କରିଛନ୍ତି । ଏହି ସମ୍ମାନଗୁଡିକ ରନ୍ଧନ କଳା କ୍ଷେତ୍ରରେ ଉଦ୍ଭାବନ ଓ ବ୍ୟବସାୟିକ ସଫଳତା ପ୍ରତି ସେମାନଙ୍କର ଅବଦାନକୁ ସ୍ୱୀକୃତି ପ୍ରଦାନ କରିଛି । ଲିପ୍ସା ଓ ତମସା ଏକ ହୋମ୍ କିଚେନ ଭାବେ ଡିଡମ୍ପଲିଙ୍ଗ ଡାଇନାଷ୍ଟିର ଆରମ୍ଭ କରିଥିଲେ । ଆଜି ଡିଡମ୍ପଲିଙ୍ଗ ଡାଇନାଷ୍ଟି ଏକ ଲୋକପ୍ରିୟ ବ୍ରାଣ୍ଡରେ ପରିଣତ ହୋଇଛି । ଏହି ସମ୍ମାନ ପାଇବା ପରେ ଲିପ୍ସା କହିଛନ୍ତି, "ମୁଁ ଭାରତୀୟ ଖାଦ୍ୟ ଥାଳିରେ କିଛି ସ୍ୱତନ୍ତତା ଆଣିବାକୁ ଚାହୁଁଥିଲି । ଡମ୍ପଲିଙ୍ଗ ଅନେକ ସାଂସ୍କୃତିକ ପରମ୍ପରାର ଅଂଶ ଅଟେ, କିନ୍ତୁ ତାହାକୁ ମୁଖ୍ୟଧାରାର ଭାରତୀୟ କ୍ୟୁଏସଆରଗୁଡିକରେ ଖୁବ୍ କମ୍ ସାମିଲ କରାଯାଇଛି । ମଟନ ଓ ପ୍ରନ ମୋମୋ ସହିତ ଆମେ କେବଳ ଖାଦ୍ୟ ପରଷୁନାହୁଁ ବରଂ ଏକ କାହାଣୀ, ଏକ ବିରାସତ ଓ ଏକ ନୂତନ ସ୍ୱାଦ ଅନୁଭୂତି ଦେଉଛୁ ।" ସି ଦ ଚେଞ୍ଜକୁ ଭାରତୀର ଖାଦ୍ୟ ଶିଳ୍ପର ଅନନ୍ୟ ପ୍ରତିଭାମାନଙ୍କୁ ଏକତ୍ରିତ କରିବା ପାଇଁ ସୃଷ୍ଟି କରାଯାଇଛି ଯାହା ଏଫଆଣ୍ଡବି କ୍ଷେତ୍ରରେ ମହିଳା ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱିଗିର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି । ସ୍ୱିଗିର ପ୍ଲାଟଫର୍ମରେ ବର୍ତ୍ତମାନ ମହିଳାଙ୍କ ଦ୍ୱାରା ପରିଚାଳିତ ୭୦୦୦୦ ରେଷ୍ଟୁରାଂଟ ରହିଛି ଏବଂ ଆଭ୍ୟନ୍ତରୀଣ ଆକଳନ ମୁତାବକ, ଏହି ଉଦ୍ୟୋଗୀମାନେ ପ୍ରାୟ ୪୨୦,୦୦୦ ନିଯୁକ୍ତି ସୃଷ୍ଟି କରୁଥିବା ବେଳେ ପ୍ରତ୍ୟେକ ରଷ୍ଟୁରାଂଟ ହାରାହାରି ୬ ଜଣ ପ୍ରତ୍ୟକ୍ଷ କର୍ମଚାରୀଙ୍କୁ ନିଯୁକ୍ତି ଦେଉଛନ୍ତି ।

ବିଶ୍ୱ କବିତା ଦିବସରେ କବିତା ଆସର

କବିତା ମନର ଗଭୀର ଅନୁଭୂତିକୁ ସରଳ ଓ ସୁନ୍ଦର ଭାବେ ପ୍ରକାଶ କରିଥାଏ

ବାରିପଦା (ଅମୃତ ମିଡିଆ) : ବିଶ୍ୱ କବିତା ଦିବସ ଅବସରରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ସମ୍ମିଳନୀ କକ୍ଷରେ ଏକ ଭବ୍ୟ କବିତା ଆସର ଆୟୋଜିତ ହୋଇଯାଇଛି । ବିଶ୍ୱ କବିତା ଦିବସ ପ୍ରତିବର୍ଷ ମାର୍ଚ୍ଚ ୨୧ ତାରିଖରେ ପାଳନ କରାଯାଇଥାଏ । ଏହାର ମୂଳ ଉଦ୍ଦେଶ୍ୟ କବିତା ମାଧ୍ୟମରେ ଭାଷା, ସଂସ୍କୃତି ଓ ମାନବୀୟ ଭାବନାକୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବା । ସମ୍ପାଦକ ମନୋଜ ଦଳବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଏହି ଆସରରେ ଜିଲ୍ଲାର ବରିଷ୍ଠ ଓ ଯୁବ କବି ମାନଙ୍କର ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା । ମଞ୍ଚରେ ପୂର୍ବତନ ସଭାପତି ଅଜିତ କବାଟ, ଉପସଭାପତି ଜୟନ୍ତ କୁମାର ଦ୍ୱାରୀ ଏବଂ କାବେରୀ ମିଶ୍ର, ବରିଷ୍ଠ କବି ନରସିଂହ ବାରିକ, ସଂପାଦକ ମନୋଜ ଦଳବେହେରା ଓ କୋଷାଧ ?ୟକ୍ଷ ସମରେନ୍ଦ୍ର ବଶା ପ୍ରମୁଖ ଯୋଗଦେଇ କବିତା ମାନବ ମନର ଗଭୀର ଅନୁଭୂତିକୁ ସରଳ ଓ ସୁନ୍ଦର ଭାବେ ପ୍ରକାଶ କରିଥାଏ, ଯାହା ସମାଜକୁ ସଚେତନ ଓ ସମ୍ବେଦନଶୀଳ କରେ. ଏହି ଦିନ ନୂତନ କବିମାନଙ୍କୁ ଆଗକୁ ଆସିବା ପାଇଁ ପ୍ରେରଣା ମିଳେ ଓ ସାହିତ୍ୟ ପ୍ରତି ରୁଚି ବୃଦ୍ଧି ପାଏ ବୋଲି କହିଥିଲେ । ଏହି ଅବସରରେ କବିମାନେ ପ୍ରେମ ଶୀର୍ଷକରେ ନିଜ ନିଜ କବିତା ପାଠ କରିଥିଲେ । ପ୍ରେମର ବିଭିନ୍ନ ଆୟାମ ମାନବ ପ୍ରେମ, ପ୍ରକୃତି ପ୍ରେମ, ଦେଶପ୍ରେମ ଓ ମାନବତା କବିତା ଗୁଡିକରେ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରକାଶ ପାଇଥିଲା । ସଭାରେ କବିତାର ଗୁରୁତ୍ୱ ଉପରେ ଆଲୋକପାତ କରି ବକ୍ତାମାନେ ଆଧୁନିକ ଯୁଗରେ ଯେତେବେଳେ ମଣିଷ ଯାନ୍ତ୍ରିକ ଜୀବନରେ ବ୍ୟସ୍ତ, ସେତେବେଳେ କବିତା ମଣିଷକୁ ମନୋବୈଜ୍ଞାନିକ ଶାନ୍ତି ଓ ଆତ୍ମିକ ସନ୍ତୋଷ ଦେଇଥାଏ । କବିତା ମାଧ୍ୟମରେ ସମାଜର ସମସ୍ୟା ଓ ସତ୍ୟକୁ ସହଜ ଭାବେ ଉପସ୍ଥାପନ କରାଯାଇପାରେ ବୋଲି କହିଥିଲେ । ଶେଷରେ ପରିଷଦର କୋଷାଧକ୍ଷ ଅଧାପକ ବଶା ଧନ୍ୟବାଦ ଅର୍ପଣ କରିଥିଲେ ।